# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27 July - 2025

********************************

## ମୁଖ୍ୟ ସମ୍ବାଦ

- ତୃଣମୂଳସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ କ୍ରୀଡ଼ାବିତମାନଙ୍କୁ ଖେଲୋ ଭାରତ ନୀତି -୨୦୨୫ ଦେଉଛି ପ୍ରୋତ୍ସାହନ; କହିଲେ ପ୍ରଧାନମନ୍ତ୍ରୀ

– ୧୨୪ତମ ‘ମନ୍ କି ବାତ୍’ କାର୍ଯ୍ୟକ୍ରମରେ ଓଡ଼ିଶାର ହସ୍ତତନ୍ତ ଶିଳ୍ପ ଏବଂ ସଂକୀର୍ତ୍ତନର କଲେ ପ୍ରଶଂସା

- ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ସମେତ ୬ଟି ଜିଲ୍ଲାର ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

- ଶ୍ରାବଣ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ଆସନ୍ତାକାଲି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଖସାପଡ଼ା ନୀତି ହେବ ଅନୁଷ୍ଠିତ

ଏବଂ

- ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ କଲାମଙ୍କ ପୁଣ୍ୟତିଥିରେ ଦେଶବାସୀ ଦେଲେ ଶ୍ରଦ୍ଧାଞ୍ଜଳି

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ୧୨୪ତମ ଅଧ୍ୟାୟରେ ଦେଶ ବିଦେଶର ଲୋକମାନଙ୍କ ସହିତ ଭାବବିନିମୟ କରିଛନ୍ତି। ଶ୍ରୀ ମୋଦୀ' ଦେଶର ଉଲ୍ଲେଖନୀୟ ଉପଲବ୍ଧି ଓ ସମୃଦ୍ଧ ଲୋକ ପରାମ୍ପରା ବିଷୟରେ ଆଲୋଚନା କରି ଓଡ଼ିଶାର କେନ୍ଦୁଝର ଏବଂ ମୟୁରଭଞ୍ଜ ଜିଲ୍ଲା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଦେଶର ସ୍ୱଦେଶୀ ଆନ୍ଦୋଳନ, ସ୍ଥାନୀୟ ଉତ୍ପାଦ ଏବଂ ସମୃଦ୍ଧ ହସ୍ତଶିଳ୍ପ ପରମ୍ପରା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ସାନ୍ତାଳୀ ଶାଢ଼ୀ ବୁଣୁଥିବା ମୟୂରଭଞ୍ଜର ଆଦିବାସୀ ମହିଳାମାନଙ୍କର ଉଦାହରଣ ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ୬୫୦ରୁ ଅଧିକ ଆଦିବାସୀ ମହିଳା ପାରମ୍ପରିକ ସାନ୍ତାଳୀ ଶାଢ଼ୀର ପୁନରୁଦ୍ଧାର କରିପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ତାଙ୍କର ସମ୍ବୋଧନରେ କହିଛନ୍ତି। ଏହି ସମ୍ପ୍ରଦାୟର ମହିଳାମାନେ କେବଳ ବସ୍ତ୍ର ତିଆରି କରିନାହାଁନ୍ତି ବରଂ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି।

ଲୋକଗୀତ ଏବଂ ପରମ୍ପରାରେ ଦେଶର ବିବିଧତାର ସବୁଠାରୁ ସୁନ୍ଦର ଝଲକ ଦେଖିବାକୁ ମିଳିଥାଏ ବୋଲି ଶ୍ରୀ ଶ୍ରୀ ମୋଦୀ କହିଛନ୍ତି। ଏହାର ଏକ ଅଂଶ ହେଉଛି ଆମର ଭଜନ ଓ କୀର୍ତ୍ତନ । ଏହି ଅବସରରେ

ପ୍ରଧାନମନ୍ତ୍ରୀ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀର ଉଦାହରଣ ଦେଇଛନ୍ତି ।

ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ...

ପରିବେଶ ସୁରକ୍ଷା ପାଇଁ କେନ୍ଦୁଝର ଜିଲ୍ଲାର ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଭକ୍ତି ସହିତ ଏହି ସଂକୀର୍ତ୍ତନ ମଣ୍ଡଳୀ ପରିବେଶ ସୁରକ୍ଷାର ମନ୍ତ୍ର ପ୍ରଚାର କରୁଛି । ବନାଗ୍ନି ସମ୍ପର୍କରେ କୀର୍ତ୍ତନ ମାଧ୍ୟମରେ ସଚେତନତା ସୃଷ୍ଟି କରି ପ୍ରମିଳା ପ୍ରଧାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ପ୍ରଧାନମନ୍ତ୍ରୀ ଆଜି କେନ୍ଦୁଝର ଘଟଗାଁ ବ୍ଲକ ମୁର୍ଗାପାହାଡ଼ି ଗ୍ରାମର ପ୍ରମିଳା ପ୍ରଧାନଙ୍କୁ ଏଥିପାଇଁ ପ୍ରଶଂସା କରିଛନ୍ତି। ବିଗତ ବର୍ଷେ ହେବ ଗ୍ରାମର ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ କର୍ମୀମାନଙ୍କ ସହିତ ସେ ଗାଁ ଗାଁ ବୁଲି ଜଙ୍ଗଲ ସୁରକ୍ଷା ପାଇଁ ସଂକୀର୍ତ୍ତନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରୁଛନ୍ତି।

**-V/O -PM**

ମନ କି ବାତ୍'ରେ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ଶୁଣିବା ପରେ ପ୍ରମିଳା ପ୍ରଧାନ' ଶ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଭଳି ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରି ରହିବ ବୋଲି ପ୍ରମିଳା କହିଛନ୍ତି।

**-V/O- Pramila**

ପ୍ରମିଳା ପ୍ରଧାନଙ୍କର ଏହି ଅଭିନବ କାର୍ଯ୍ୟକ୍ରମ ପରିବେଶ ସୁରକ୍ଷା ଦିଗରେ ଆଗାମୀ ପିଢ଼ିଙ୍କୁ ନିଶ୍ଚିତ ପ୍ରେରଣା ଦେବ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ଲହରୀକା ପଟ୍ଟନାୟକ

***Desk***

## ମନ୍ କି ବାତ୍-୨

ପ୍ରଧାନମନ୍ତ୍ରୀ 'ଇନ୍ସ୍ପାୟାର ମାନକ' ଅଭିଯାନ ଉପରେ ଆଲୋକପାତ କରି କହିଛନ୍ତି ପିଲାଙ୍କ ମଧ୍ୟରେ ନବ ଉନ୍ମେଷକୁ ଏହି ଅଭିଯାନ ପ୍ରୋତ୍ସାହନ ପ୍ରଦାନ କରୁଛି । ବିଜ୍ଞାନ ଏବଂ ମହାକାଶକୁ ନେଇ ପିଲାଙ୍କ ମନରେ ନୂଆ ଜିଜ୍ଞାସା ଜାଗ୍ରତ ହୋଇଛି । ଶ୍ରୀ ମୋଦୀ' ଶୁଭାଂଶୁ ଶୁକ୍ଳାଙ୍କ ମହାକାଶ ଯାତ୍ରା ଉପରେ ଆଲୋକପାତ କରିଛନ୍ତି ।

ଆସନ୍ତା ମାସ ୨୩ ତାରିଖରେ ଜାତୀୟ ମହାକାଶ ଦିବସ ପାଳନ କରାଯିବ । ନମୋ ଆପ୍ ମାଧ୍ୟମରେ ବାର୍ତ୍ତା ପଠାଇବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି । ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର ପାଇଁ ଭାରତ ଆତ୍ମନିର୍ଭରଶୀଳତାର ପଥ ଦେଇ ଗତି କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆତ୍ମନିର୍ଭର ଭାରତର ସବୁଠାରୁ ବଡ ଆଧାର ହେଉଛି ଭୋକାଲ ଫର୍ ଲୋକାଲ । ଏଥିପାଇଁ ସଂକଳ୍ପବଦ୍ଧ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ଦେଶର ସଂସ୍କୃତି, ପରମ୍ପରା ଏବଂ ପାଣ୍ଡୁଲିପି ଗୁଡ଼ିକର ସଂରକ୍ଷଣ ଉପରେ ଗୁରୁତ୍ୱପ୍ରଦାନ କରିଛନ୍ତି । ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ପ୍ରଧାନମନ୍ତ୍ରୀ ବିଶ୍ୱ ପୁଲିସ ଏବଂ ଫାୟାରଗେମ୍ସ ଉପରେ ଆଲୋକପାତ କରିଛନ୍ତି । ଆମେରିକାରେ ଆୟୋଜିତ ଏହି

ପ୍ରତିଯୋଗିତାରେ ଭାରତ ୬୦୦ଟି ପଦକ ଜିତି ଇତିହାସ ସୃଷ୍ଟି କରିଛି । ୭୧ଟି ଦେଶ ମଧ୍ୟରୁ ଭାରତ ତୃତୀୟ ସ୍ଥାନରେ ରହିବା ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଖେଲୋ ଭାରତ ନୀତି ୨୦୨୫ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପର୍ବପର୍ବାଣୀ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ନାଗପଞ୍ଚମୀ, ରକ୍ଷାବନ୍ଧନ ଏବଂ ଜନ୍ମାଷ୍ଟମୀ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

***Desk***

# ଜନଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ଅନୁଷ୍ଠିତ ହେବ । ଏଥିଲାଗି ଏକ ହଜାର ଜଣ ଆବେଦନକାରୀ ଅନ୍‌ଲାଇନ୍ ଜରିଆରେ ନାମ ପଞ୍ଜିକରଣ କରିଛନ୍ତି । ଆସନ୍ତାକାଲି ସକାଳ ୮ଟାରୁ ଭୁବନେଶ୍ୱର ୟୁନିଟ୍-୨ ଅଶୋକନଗର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ।

***BHK/Desk***

## ବନ୍ୟା

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ରାଜ୍ୟର ୬ଟି ଜିଲ୍ଲାର ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ ସିଂହ ଆଜି

ଆଭାସୀ ମାଧ୍ୟମରେ ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳ ଏବଂ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ବନ୍ୟା ପରିସ୍ଥିତି ସମ୍ପର୍କରେ ସମୀକ୍ଷା ବୈଠକ କରିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ବନ୍ୟାସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ବାଲେଶ୍ୱର ଜିଲ୍ଲାର ଦୁଇଟି ସ୍ଥାନକୁ ଛାଡ଼ି ଅନ୍ୟ ସ୍ଥାନରେ ବନ୍ୟାଜଳ ହ୍ରାସ ପାଇଛି। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୯ଟି ଆଶ୍ରୟସ୍ଥଳୀରେ ପ୍ରାୟ ୧ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲା ପ୍ରଶାସନ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କୁ ନିରାପଦ ଆଶ୍ରୟସ୍ଥଳୀରେ ରଖିବା ଓ ରିଲିଫ୍ ଯୋଗାଇ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜୀବ ଭବନଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ସିଂହ କହିଛନ୍ତି, ବାଲେଶ୍ୱର ଜିଲ୍ଲାରେ ୫ଟି ଓଡ୍ରାଫ ଟିମ୍ ସହ ଗୋଟିଏ ଏନ୍.ଡି.ଆର୍.ଏଫ୍., ୨୬ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ବାହିନୀକୁ ନିୟୋଜିତ କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ ଓଡ୍ରାଫ ଦଳ ଓ ୨୩ଟି ଅଗ୍ନିଶମ ବାହିନୀ, ଭଦ୍ରକ ଜିଲ୍ଲାରେ ଗୋଟିଏ ଓଡ୍ରାଫ ଓ ଏନ୍.ଡି.ଆର୍.ଏଫ୍. ଏବଂ ୧୩ଟି ଅଗ୍ନିଶମ ବାହିନୀ, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଟିମ୍, ୧୪ଟି ଅଗ୍ନିଶମ ବାହିନୀ ସମେତ ପ୍ରଭାବିତ ଜିଲ୍ଲାରେ ୧୦୬ଟି ବୋଟ୍ ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ନିୟୋଜିତ ହୋଇଛନ୍ତି। ବନାଞ୍ଚଳରେ ଜଳବିଶୋଧନ ଏବଂ

ସୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟପକ୍ଷରେ ଭଦ୍ରକ ଜିଲ୍ଲାର ବୈତରଣୀ ନଦୀ ବନ୍ୟାରେ ଧାମନଗର, ଭଣ୍ଡାରୀପୋଖରୀ, ବନ୍ତ, ଭଦ୍ରକ, ବାସୁଦେବପୁର, ତିହିଡ଼ି ଏବଂ ଚାନ୍ଦବାଲି ବ୍ଲକ ପ୍ରଭାବିତ ହୋଇଛି । ଭଣ୍ଡାରୀପୋଖରୀ ଏବଂ ଧାମନଗର ବ୍ଲକର କେତେକ ଅଞ୍ଚଳରେ ଘାଇ ହେବା ଯୋଗୁଁ ଗମନାଗମନ ବାଧାପ୍ରାପ୍ତ ହୋଇଛି । ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏବଂ ବିଭାଗୀୟ ଅଧିକାରୀ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ରିଲିଫ୍ ପ୍ରଦାନ କରିଛନ୍ତି ।

*Jajpur*

## ଯାଜପୁର ବନ୍ୟା

ଯାଜପୁର ବୈତରଣୀ ନଦୀରେ ଦେଖା ଦେଇଥିବା ବନ୍ୟାସ୍ଥିତି ଯୋଗୁଁ ଯାଜପୁର ବ୍ଲକ ଖଇରାବାଦ ପଞ୍ଚାୟତର ହଜାରୀ ସାହି ଗ୍ରାମର ୧୦ଟି ପରିବାର ଜଳଘେରରେ ଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ବ୍ଲକର ଶିମିଳିଆ ପଞ୍ଚାୟତ ମୁଖ୍ୟରାସ୍ତା ଉପରେ ତିନିଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଏହି ପଞ୍ଚାୟତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଅନ୍ୟପକ୍ଷରେ ଦଶରଥପୁର ବ୍ଲକ ଅଞ୍ଚଳର ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ପ୍ରଶାସନ ପକ୍ଷରୁ ସେମାନଙ୍କୁ ଖାଦ୍ୟ ଓ ସୁରକ୍ଷିତ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି ।

*Puri*

## ଖସାପଡ଼ା ଲାଗି

ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଖସାପଡ଼ା ଲାଗି ନୀତି ଆସନ୍ତାକାଲି ଶ୍ରାବଣ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ନୀତି ଶେଷ ହେବା ପରେ ଏହି ଗୁପ୍ତନୀତି ହେବ। ଏହି ନୀତି ପାଇଁ ସଂଧ୍ୟା ୬ଟାରୁ ରାତି ୧୦ଟା, ୪ ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

*Desk*

## କାଲାମ ଶ୍ରାଦ୍ଧବାର୍ଷିକୀ

ପୂର୍ବତନ ରାଷ୍ଟ୍ରପତି ତଥା ପ୍ରଖ୍ୟାତ ବୈଜ୍ଞାନିକ ଭାରତରତ୍ନ ଡକ୍ଟର ଏ.ପି.ଜେ ଅବଦୁଲ କଲାମଙ୍କ ଆଜି ଦଶମ ପୁଣ୍ୟତିଥି। ଏହି ଅବସରରେ ଦେଶ ତାଙ୍କ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଭାରତର ମହାକାଶ ଏବଂ କ୍ଷେପଣାସ୍ତ୍ର ବିକାଶ କ୍ଷେତ୍ରରେ ଡକ୍ଟର କଲାମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଡକ୍ଟର କଲାମଙ୍କୁ ମଧ୍ୟ ଭାରତର ମିଜାଇଲ ମ୍ୟାନ୍ ବା କ୍ଷେପଣାସ୍ତ୍ରର ଜନକ ବୋଲି କୁହାଯାଏ । ୨୦୧୫ ମସିହା ଆଜିର ଦିବସରେ ସେ ଇହଲୀଳା ସମ୍ବରଣ କରିଥିଲେ।

*Kendrapara*

## ନଦୀବନ୍ଧ ଯାଞ୍ଚ

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟାର ଆଜି ମାର୍ଶାଘାଇଠାରେ ଲୁଣା ନଦୀବନ୍ଧର ସ୍ଥିତି ଯାଞ୍ଚ କରିବା ସହ ବନ୍ୟା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ମାର୍ଶାଘାଇ ଜଳସମ୍ପଦ କାର୍ଯ୍ୟାଳୟଠାରେ ଆୟୋଜିତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଜଳସମ୍ପଦ ବିଭାଗ ଅଧିକାରୀଙ୍କ ସହ ବନ୍ୟା ସୁରକ୍ଷା ଏବଂ ବନ୍ଧନିର୍ମାଣ ସମ୍ପର୍କରେ ଜିଲ୍ଲାପାଳ ଆଲୋଚନା କରିଥିଲେ। ମୁକୁଳାବନ୍ଧର ତୁରନ୍ତ ସୁରକ୍ଷା କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ଅୟଟିପୁର ଓ ଡିହ ବଳରାମପୁର ବାତ୍ୟା ଆଶ୍ରୟସ୍ଥଳୀ ଶ୍ରୀ ଆୟାର ପରିଦର୍ଶନ କରିଥିଲେ।

***Ganjam***

## ପିଏମ୍ ସୂର୍ଯ୍ୟଘର

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟ ପରିସରରେ ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏଥିରେ ଯୋଗଦେଇ ଏହି ଯୋଜନାର ପ୍ରମୁଖ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସରକାରଙ୍କ ପକ୍ଷରୁ ପିଏମ୍ ସୂର୍ଯ୍ୟଘର ଯୋଜନାରେ ପ୍ରଦାନ କରାଯାଉଥିବା ସବ୍‌ସିଡି ସମ୍ପର୍କରେ ଉପଭୋକ୍ତାମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ

ଅଶୋକ କୁମାର ଚୌଧୁରୀଙ୍କ ସମେତ ହିତାଧିକାରୀମାନେ ଯୋଗ ଦେଇଥିଲେ।

***Ganjam***

## ଖରିଫ ଧାନ ପଞ୍ଜୀକରଣ

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଚଳିତ ଖରିଫ ଧାନ ପାଇଁ ଚାଷୀ ପଞ୍ଜୀକରଣ ସମସ୍ୟା ସମ୍ପର୍କରେ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବହୁ ସଂଖ୍ୟକ ଚାଷୀ ଯୋଗଦେଇ ସେମାନଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। କୌଣସି ମୃତକଙ୍କ ନାମରେ ଜମିପଟ୍ଟା ଥିଲେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ସହମତିକ୍ରମେ ସେହି ଜମିକୁ ପରିବାରର ଅନ୍ୟ ସଦସ୍ୟଙ୍କ ନାମରେ ପଞ୍ଜୀକରଣ କରାଯାଇପାରିବ ବୋଲି ସମିତି ସଭାପତି କହିଛନ୍ତି।